# <u>ଅସୀମଙ୍କ ଛନ୍ଦରେ ପରିବର୍ତ୍ତନଶୀଳ ଜଗତ</u>

Edited by M. Gayatri

ପୂର୍ଣ୍ଣଯୋଗ ବୁଦ୍ଧିକୁ (Intelligence) ଆଧୁନିକ ବିଜ୍ଞାନର ସୃଷ୍ଟି କାରିଣୀ ଜନନୀ ଭାବେ ସ୍ୱୀକୃତି ଦେଇଛି ଏବଂ ଚେତନାର ଶ୍ରେଣୀ ସକଳକୁ ବୁଦ୍ଧିର ସୃଷ୍ଟି କାରିଣୀ ଜନନୀ ଭାବେ ସ୍ୱୀକୃତି ଦେଇଛି । ଆଧୁନିକ ବିଜ୍ଞାନର ଦର୍ଶନରେ ଜଡ ହେଉଛି ସବୁକିଛି ଏବଂ ଏହା(ଆଧୁନିକ ବିଜ୍ଞାନ) ଆତ୍ମାର ଅସ୍ତିତ୍ୱକୁ ଅସ୍ୱୀକାର କରେ । କିନ୍ତୁ ପୂର୍ଣ୍ଣ ଯୋଗ ବିଜ୍ଞାନର ଏହି ବିଷୟକୁ ପ୍ରତ୍ୟାଖ୍ୟାନ କରେ । ବିଜ୍ଞାନ ମଣିଷକୁ ଧାରଣା ଦିଏ ଯେ ଜଡ ଜଗତ ମଣିଷକୁ ସୃଷ୍ଟି କରିଛି । କିନ୍ତୁ ଆଧ୍ୟାତ୍ମିକ ଜ୍ଞାନ ଏହି ଧାରଣା ଦିଏ ଯେ ମଣିଷ ନିଜକୁ ଏବଂ ଜଗତକୁ ଗଢ଼ିବା ପାଇଁ ସମର୍ଥ । ପୂର୍ଣ୍ଣଯୋଗ ଏକ ପରିଶୁଦ୍ଧ ବୁଦ୍ଧିରୁ ଆରମ୍ଭ ହୋଇ ରାସାୟନିକ ବିଜ୍ଞାନର ପରୀକ୍ଷା ନିରୀକ୍ଷା ପରି ଦିବ୍ୟଶକ୍ତିର ଅବତରଣକୁ ନିଜ ମଧ୍ୟରେ ପ୍ରତିଷ୍ଠିତ କରେ ।

ଏହା ହେଲା Mind map ଯେଉଁଠାରେ ବୁଦ୍ଧିର ସୀମିତ ପରିସର ମଧ୍ୟରେ ଆଧ୍ୟାତ୍ମିକତାର ଅସୀମ ବୈଭବ ପ୍ରକାଶ କରିବା ନିମନ୍ତେ ପ୍ରଚେଷ୍ଟା କରାଯାଇଛି ।

- **<u>ଉପକ୍ରମଣିକା</u> :**
  i. ସାଧାରଣ ଚେତନା କିମ୍ବା ତିନି ଗୁଣର ଅଧୀନସ୍ଥ ମଣିଷର ମନ, ପ୍ରାଣ, ଶରୀର, ଆତ୍ମା, ଜଗତ ଓ ଭଗବାନ ପରସ୍ପର ଠାରୁ ବିଚ୍ଛିନ୍ନ ହୋଇ ଜୀବନ ବଞ୍ଚନ୍ତି ।
  ii. ଏକ ଉଚ୍ଚତର ସତ୍ୟ ଚେତନା ବା ଅତିମାନସ ଚେତନା ରହିଛି ଯେଉଁଠାରେ ମନ, ପ୍ରାଣ, ଶରୀର, ଆତ୍ମା, ଜଗତ ଓ ଭଗବାନ ପରସ୍ପରର ପରିପୂରକ ଓ ସହଯୋଗୀ ଏବଂ ପରସ୍ପର ଏକୀଭୂତ ହୋଇ ଜୀବନ ବଞ୍ଚନ୍ତି ।

  **"All contraries heal their long dissidence."** (Savitri-451)
  ଅର୍ଥାତ୍: "ପରସ୍ପର ଠାରୁ ବିଚ୍ଛିନ୍ନ ହୋଇଥିବା ସମସ୍ତ ଜଗତ ସେମାନଙ୍କ ବିରୋଧାତ୍ମକ ବ୍ୟାଧିରୁ ମୁକ୍ତ ହୁଅନ୍ତି ।"

- **<u>ଭଗବାନଙ୍କୁ ଅନ୍ବେଷଣର ପଥ</u> :**

i. ପାରମ୍ପରିକ ଯୋଗ ବିଶ୍ୱାତୀତ ଭଗବାନଙ୍କୁ ପ୍ରାପ୍ତ ହୋଇ ଆତ୍ମା, ବିଶ୍ୱଗତ ଭଗବାନ ଏବଂ ଜଗତକୁ ମାୟା ବୋଲି ଘୋଷଣା କରେ ।

ii. ପୂର୍ଣଯୋଗରେ ବିଶ୍ୱାତୀତ, ବିଶ୍ୱଗତ ଏବଂ ବେଷ୍ଟିଗତ ଭଗବାନଙ୍କର ସାମଗ୍ରିକ ମିଳନ ହୁଏ ।ତେଣୁ ପୂର୍ଣ୍ଣଯୋଗ ର ସାଧକ ଆତ୍ମା ଓ ପରମାତ୍ମାଙ୍କର ମିଳନକୁ ଉପଲଦ୍ଧି କଲାପରେ ପରା ପ୍ରକୃତିକୁ ଅପରା ପ୍ରକୃତି ମଧ୍ୟକୁ ଅବତରଣ କରିଆଣନ୍ତି ।

- **ଅବତାରଙ୍କ କର୍ମ :**

  i.ଅବତାରଙ୍କ ଅନ୍ତିମ କର୍ମ ହେଉଛି : ଦେହଗତ ଅମରତ୍ୱ ଓ ପ୍ରକୃତିର ପୂର୍ଣ୍ଣ ରୂପାନ୍ତର ।ତେଣୁ ପ୍ରଥମ ଓ ଶେଷ ଅବତାର ମଧ୍ୟରେ ଯେଉଁ ମଧ୍ୟବର୍ତ୍ତୀ ଅବତାର ମାନେ ଆସନ୍ତି ସେମାନେ ପୃଥିବୀର ଯନ୍ତ୍ରଣା, ମୃତ୍ୟୁ ଓ ଅବକ୍ଷୟକୁ ବହୁଳ ଭାବେ ବରଣ କରନ୍ତି ।

  ii.ବିଶ୍ୱଗତ ଅତିମାନସ ଚେତନାର ପ୍ରଭାବରେ ଆଧୁନିକ ବିଜ୍ଞାନ ପୁରୁଣା ଓ ଅଦରକାରୀ ହୋଇପଡେ ଏବଂ ସେଠାରେ ନୂତନ ଜ୍ଞାନ ଏବଂ ନୂତନ ପ୍ରକାଶ ଉଙ୍କିମାରେ ।

- ବିଜ୍ଞାନ ଏକ ବୁଦ୍ଧିଗତ ଜଗତର ଐକାନ୍ତିକ ଜ୍ଞାନ ହୋଇଥିବାରୁ ତାହା ଶୀଘ୍ର ଅଦରକାରୀ ହୋଇପଡେ କିନ୍ତୁ ବିଜ୍ଞାନମୟ ଜଗତ ଏକ ସାମଗ୍ରିକ ଜ୍ଞାନ ହୋଇଥିବା ଯୋଗୁଁ ଏହା ଅଦରକାରୀ ହେବାପାଇଁ ଶହ ଶହ ବର୍ଷ ଅପେକ୍ଷା କରିବାକୁ ପଡେ ।

- **ରାଜା ଅଶ୍ୱପତିଙ୍କ ଯୋଗ :**

ପୃଥିବୀର ସମସ୍ତ ସମସ୍ୟାର ସାମଗ୍ରିକ ସମାଧାନ ଅଶ୍ୱପତି ଚାହିଁଥିଲେ । ସମଗ୍ର ମାନବ ସମାଜ ପାଇଁ ସେ ଚାହିଁଥିଲେ : **"A pure perfection and a shadowless bliss ." (Savitri-340)** ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ସେ ଦଶଟି ଜଗତ ମଧ୍ୟରେ ଅଭିଯାତ୍ରା କରିଥିଲେ । ସେହି ଦଶଟି ଜଗତ ହେଲା :

i. Bliss Sheath (ଆନନ୍ଦମୟ କୋଷ)

ii. Supramental Sheath (ଅତିମାନସ କୋଷ)

iii. Universal Sheath (ବିଶ୍ୱଗତ କୋଷ)

iv. Spiritual Sheath (ଆଧ୍ୟାତ୍ମିକ କୋଷ)

v. Psychic Sheath (ଚୈତ୍ୟ କୋଷ)

vi. Subtle mental Sheath (ସୂକ୍ଷ୍ମ ମନ)

vii. Subtle vital Sheath (ସୂକ୍ଷ୍ମ ପ୍ରାଣ)

viii. Subtle physical Sheath (ସୂକ୍ଷ୍ମ ଶରୀର)

ix. Subconscient Sheath (ଅବଚେତନା କୋଷ)

x. Inconscient Sheath (ନିଶ୍ଚେତନା କୋଷ)

- **ରାଜା ଅଶ୍ୱପତିଙ୍କ ବିଭିନ୍ନ ଜଗତ ମଧ୍ୟରେ ଅଭିଯାତ୍ରା :**

ଏହି ଅଭିଯାତ୍ରା ପାଇଁ ଗୋଟିଏ ଜୀବନ କାଳ ଖୁବ୍ କମ୍ ସମୟ ହୋଇଥାଏ । ବୈଦିକ ଋଷିମାନେ ଦେହଗତ ଅମରତ୍ୱ ପାଇଁ ପ୍ରଚେଷ୍ଟା କରିଥିଲେ । କିନ୍ତୁ ମଧ୍ୟବର୍ତ୍ତୀ ଜଗତ ଗୁଡିକରେ ଅନୁପ୍ରବେଶ ବିନା ଏହି ଦେହଗତ ଅମରତ୍ୱ ଅସମ୍ଭବ । ତେଣୁ ମଧ୍ୟବର୍ତ୍ତୀ ଦଶଟି ଜଗତ ଉପରେ କର୍ତ୍ତୃତ୍ୱ ଆଣିବା ପାଇଁ ପୂର୍ଣ୍ଣଯୋଗ ବହୁ ଜନ୍ମ କିମ୍ବା **" All life is Yoga"** ଗ୍ରହଣ କରେ ।

- **ରାଜା ଅଶ୍ୱପତିଙ୍କର ବିଶ୍ୱମୟ ଜଗତ ମଧ୍ୟରେ ଅନୁପ୍ରବେଶ:**

ବିଶ୍ୱଗତ ଆତ୍ମା ହେଉଛି ଦଶଟି ଆତ୍ମାର ମିଳନ କ୍ଷେତ୍ର ଏବଂ ଏହାର ନିକଟତମ ସୀମାରେ ଅତିମାନସ ଜଗତ ଅବସ୍ଥିତ । ତେଣୁ ବିଶ୍ୱଗତ ଚେତନାକୁ ଅତିମାନସ ଚେତନାର ପ୍ରାଥମିକ ଅବସ୍ଥା ରୂପେ ଗ୍ରହଣ କରାଯାଇଛି । ଏଠାରେ ପରସ୍ପର ବିରୋଧୀ ବା ପରସ୍ପର ଠାରୁ ବିଚ୍ଛିନ୍ନ ହୋଇଥିବା ଜଗତ ମାନଙ୍କର ମିଳନ ହୁଏ

- **ରାଜା ଅଶ୍ୱପତିଙ୍କ ଅସମ୍ପୂର୍ଣ୍ଣ ଯୋଗ:**

ଶ୍ରୀଅରବିନ୍ଦ ଯେଉଁ ପୂର୍ଣ୍ଣତାର ଲକ୍ଷ୍ୟ ଆମ ସମ୍ମୁଖରେ ଉପସ୍ଥାପନ କରିଥିଲେ ସେହି ପରିପୂର୍ଣ୍ଣ ପୂର୍ଣ୍ଣତାକୁ ପ୍ରାପ୍ତ ହେବା ନିମନ୍ତେ ଶ୍ରୀମା ଦେଖି ପାରିଲେ ଯେ ଏହି ପୂର୍ଣ୍ଣତାକୁ ପ୍ରାପ୍ତ ହେବା ନିମନ୍ତେ ସୋପାନ ପରେ ସୋପାନ ଚେତନାର ସ୍ତରକୁ ଅତିକ୍ରମ କରିବାକୁ ପଡ଼ିବ ଏବଂ ଏହା ପ୍ରାପ୍ତ ହେବା ପାଇଁ ହଜାରେ ବର୍ଷର ପରିସର ଆବଶ୍ୟକ କରେ ।

ମଣିଷର ସବୁ ସମସ୍ୟାର ସମାଧାନର ଚାବିକାଠି ନିଶ୍ଚେତନାର ଅନ୍ଧକାର ମଧ୍ୟରେ ଲୁକ୍କାୟିତ ଭାବରେ ରହିଛି । ପାରମ୍ପରିକ ଯୋଗରେ ନିଶ୍ଚେତନା ଓ ଅବଚେତନା ଜଗତ ମଧ୍ୟରେ ଅନୁପ୍ରବେଶ କରିବା ପାଇଁ ନିଷିଦ୍ଧ କରାଯାଇଛି । କିନ୍ତୁ ରାଜା ଏହି ନିଷିଦ୍ଧତାକୁ ଖାତିର ନକରି ଅସତ୍ୟ ଓ ଅନ୍ଧକାର ଜଗତ ମଧ୍ୟରେ ପ୍ରବେଶ କରିଥିଲେ । ସେଠାରେ ସେ The Mother of evil ଯିଏକି ମୃତ୍ୟୁ ଏବଂ Mother of seven sorrowsଙ୍କର ମାତା । ତେଣୁ ଅନ୍ଧକାର ରାଜ୍ୟରେ ତାଙ୍କୁ ଅନ୍ଧକାର ଶକ୍ତିରାଜି ଙ୍କ ସହ ଯୁଦ୍ଧ କରିବାକୁ ପଡ଼ିଥିଲା । ଯେଉଁଠାରେ ସେ ବାହ୍ୟ ଓ ଅନ୍ତଃକ୍ଷତକୁ ବହନ କରିଥିଲେ, ଯେଉଁ କ୍ଷତକୁ ଶୁଖିବା ପାଇଁ ଅନେକ ବର୍ଷ ଅପେକ୍ଷା କରିବାକୁ ପଡେ। ସେହି ଅନ୍ଧକାର ଜଗତରେ ସେ ତିନୋଟି ବିଜୟକୁ ହାସଲ କରିଥିଲେ ।

ପ୍ରଥମଟି ହେଲା: "**He tore desire from it's bleeding roots"** (Savitri-318)

ଅର୍ଥାତ୍ "ସେ କାମନାର ମୂଳ ଉତ୍ସକୁ ନିଶ୍ଚେତନା ମଧ୍ୟରୁ ବିଲୀନ କରିଦେଇଥାନ୍ତି।"

ଦ୍ୱିତୀୟଟି ହେଲା: "**Annulled the sorrow of the ignorant depths."** (Savitri-314)

ଅର୍ଥାତ୍ "ସେ ଅଜ୍ଞାନତାର ଗଭୀରତା ମଧ୍ୟରୁ ଦୁଃଖକୁ ନିଶ୍ଚିହ୍ନ କରିଦେଇଥିଲେ।"

ତୃତୀୟଟି ହେଲା: ସମୟ ଚାପରେ ଏକ ଭଗ୍ନ ହୃଦୟକୁ ସେ ସୁସ୍ଥତା ଆଡକୁ ନେଇଥିଲେ ଏବଂ ସର୍ବକାଳୀନ ମାନ୍ଦା ଅବସ୍ଥାର ଏକ ନିଦାନ କରି ପାରିଥିଲେ । ଅଶ୍ୱପତିଙ୍କ ଏହି ବିଜୟ ଅସମ୍ପୂର୍ଣ୍ଣ ଥିଲା କାରଣ ସେ ମୃତ୍ୟୁବରଣ ନ କରି ମୃତ୍ୟୁକୁ ଅନୁଭବ କରିଥିଲେ କିନ୍ତୁ ମୃତ୍ୟୁକୁ ଜଗତରୁ ଦୂରୀଭୂତ କରିପାରିନଥିଲେ । ତାଙ୍କ ସାଧନା ଥିଲା : **"Because only half God's cosmic work is done."** (Savitri-310)

ଅର୍ଥାତ୍ "ତାଙ୍କ ଦ୍ୱାରା ଭଗବାନଙ୍କର ବିଶ୍ୱଗତ କର୍ମ ଅଧା ସମ୍ପୂର୍ଣ୍ଣ ହୋଇଥିଲା।"

- **ସାବିତ୍ରୀଙ୍କ ବିଭିନ୍ନ ଜଗତ ମଧ୍ୟରେ ଅଭିଯାତ୍ରା :**

ରାଜା ଅଶ୍ୱପତି ଏବଂ ପ୍ରଭୁ ସତ୍ୟବାନ ଚେତନାର ଯେଉଁ ଅଭିଯାତ୍ରାଟି ଅସମ୍ପୂର୍ଣ୍ଣ ଭାବରେ ଛାଡି ଯାଇଥିଲେ, ତାହାକୁ ସାବିତ୍ରୀ ଆଗକୁ ନେଇଥିଲେ । ଗୋଟିଏ ଜୀବନ କାଳର

ସୀମିତ ସମୟ ଏହି ଅଭିଯାତ୍ରା ପାଇଁ ବହୁତ କମ୍ ତେଣୁ ସାବିତ୍ରୀଙ୍କ ଏହି ଜନ୍ମର ଅବତାର ଜନ୍ମର କର୍ମକୁ ତାଙ୍କର ପୂର୍ବ ଅବତାର ଏବଂ ପୂର୍ବ ବିଭୂତିମାନଙ୍କ ଜୀବନ ସହିତ ସୂକ୍ଷ୍ମ ଜଗତରେ ଯୋଡ଼ିବାକୁ ପଡ଼ିଥିଲା କିମ୍ବା ଇଂରାଜୀରେ **"Savitri of this life has to reconcile the divine action with Savitri of all life."**

ସାବିତ୍ରୀ ଜନ୍ମରୁ ପରା-ପ୍ରକୃତିକୁ ଧାରଣ କରିଥିଲେ ଏବଂ ତାଙ୍କ ଚୈତ୍ୟ ପୁରୁଷ ଅର୍ଦ୍ଧ ଉନ୍ମୋଚିତ ଅବସ୍ଥାରେ ଥିଲା । ତାଙ୍କର ପ୍ରଭୁ ସତ୍ୟବାନଙ୍କୁ ପାଇବା ପରେ ସେ ଯୋଗ ସାଧନା ବଳରେ ଚୈତ୍ୟ ପୁରୁଷକୁ ପୂର୍ଣ୍ଣ ଭାବରେ ଉନ୍ମୋଚିତ କରିପାରିଥିଲେ କିମ୍ବା ହୃଦୟ କେନ୍ଦ୍ରର ଚୈତ୍ୟ ପୁରୁଷ ମଧ୍ୟରେ ପରମ ମାତା ସ୍ଥାୟୀ ଭାବରେ ନିବାସ କରିବା ପାଇଁ ନିଷ୍ପତ୍ତି ନେଲେ । ତା'ପରେ ସାବିତ୍ରୀଙ୍କ ଆଧ୍ୟାତ୍ମିକ ଆତ୍ମା ଓ ବିଶ୍ୱଗତ ଆତ୍ମା ଏବଂ ଅତିମାନସ ଆତ୍ମା ଉନ୍ମୋଚିତ ହୋଇଥିଲା ଏହି ସମସ୍ତ ସିଦ୍ଧିକୁ ବହନ କରି ସେ ସତ୍ୟବାନଙ୍କ ସହିତ ଅବଚେତନ ଓ ନିଶ୍ଚେତନ ଚେତନା ମଧ୍ୟକୁ ପ୍ରବେଶ କରିବାକୁ ଯୋଗ୍ୟତା ହାସଲ କରିଥିଲେ । ଏହାହିଁ ହେଉଛି ସମସ୍ତ ଦଶଟି ଜଗତ ମଧ୍ୟରେ ତାଙ୍କର ଅଭିଯାତ୍ରାର କାହାଣୀ ।

- **ସାବିତ୍ରୀଙ୍କ ବିଶ୍ୱଗତ ଜଗତ ମଧ୍ୟରେ ଅଭିଯାତ୍ରା :**

ବିଶ୍ୱଗତ ଜଗତ ହେଉଛି Lower hemisphere ନିମ୍ନତର ଜଗତ ସକଳ ଏବଂ Upper hemisphere ଉଚ୍ଚତର ଜଗତ ସକଳର ସଂଯୋଗସ୍ଥଳୀ । ଏହି ଅତିମାନସ ବିଶ୍ୱଗତ ଜଗତରେ ପ୍ରବେଶ କରିବା ଦ୍ୱାରା ସେ ମାନବ ସମାଜ ନିମନ୍ତେ ଅଦୃଶ୍ୟ ଜଗତକୁ ଅବତରଣ କରାଇ ଆଣିଥିଲେ । ଦ୍ୱିତୀୟରେ ନିଜ ଜୀବନକୁ ସ୍ୱର୍ଗ ଓ ପୃଥିବୀ ମଧ୍ୟରେ ଏକ ସେତୁ ଭାବେ ଗଢିଥିଲେ ଏବଂ ଦୁଃଖ ସନ୍ତପ୍ତ ମାନବ ସମାଜ ମଧ୍ୟକୁ ଆନନ୍ଦର ସ୍ରୋତ ବୋହି ଆଣିଥିଲେ ।

- **ସାବିତ୍ରୀଙ୍କ ଅସମ୍ପୂର୍ଣ୍ଣ ଯୋଗ:**

ସାବିତ୍ରୀ, ରାଜା ଅଶ୍ୱପତିଙ୍କ ନିଶ୍ଚେତନ ଓ ଅବଚେତନର ଅସମ୍ପୂର୍ଣ୍ଣ ଯୋଗକୁ ଆଗକୁ ନେଇ ପାରିଥିଲେ ଏବଂ ସେ ପୁଣି ଯେତେବେଳେ ପୃଥିବୀରେ ଶେଷ ଅବତାର ଭାବେ ଅବତୀର୍ଣ୍ଣ ହେବେ କିମ୍ବା ଇଂରାଜୀରେ **"When the mighty mother (again) shall take birth in time." (Savitri-705)** ସେହି ଶକ୍ତିଶାଳୀ ମାତା ଯେତେବେଳେ

ପୃଥିବୀରେ ଶେଷ ଥର ପାଇଁ ଜନ୍ମ ନେବେ ସେତେବେଳେ ସାବିତ୍ରୀଙ୍କ ଅସମ୍ପୂର୍ଣ୍ଣ କର୍ମ ସମ୍ପୂର୍ଣ୍ଣ ହେବ ଅର୍ଥାତ୍ ଅବଚେତନ ଓ ନିଶ୍ଚେତନ, ଅତିଚେତନ(Super conscient) ରେ ରୂପାନ୍ତରିତ ହେବେ । ସେତେବେଳେ ଆଉ ପୃଥିବୀରେ ଅଜ୍ଞାନତା, ଅସତ୍ୟ, ଯନ୍ତ୍ରଣା ଏବଂ ମୃତ୍ୟୁର ପୂର୍ଣ୍ଣ ଅବସାନ ଘଟିବ । ସେତେବେଳେ ପୃଥିବୀରେ ଏକ ଶକ୍ତିଶାଳୀ ମାନବ ଜାତିର ନୂତନ ଅଭ୍ୟୁଦୟ ଘଟିବ, ଯାହାକୁ ଆମେ ଅତି ମାନବ ବୋଲି କହୁ ।

**ଓଁ ତତ୍ ସତ୍**



ଶ୍ରୀ ମାତୃନିକେତନ ଆଶ୍ରମ ଶ୍ରୀ ଅରବିନ୍ଦ କେନ୍ଦ୍ର,

Managed by The Mother's International Centre Trust,

Regd.No-146/24.11.97. ଗ୍ରାମ: ରାମଚନ୍ଦ୍ରପୁର, ସା: କୁକୁଡାଖଣ୍ଡି-୭୬୧୧୦୦

Via: ବ୍ରହ୍ମପୁର, ଜିଲା: ଗଞ୍ଜାମ, ଓଡିଶା, ଭାରତ

https://www.srimatriniketanashram.com/odia-section

https://www.srimatriniketanashram.com